ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/HT&HOD)/1186/01-02-2021

# ସମସ୍ତଙ୍କୁ ଆକର୍ଷିତ କରୁଛି ତୋଷାଳି ମେଳା

## ଗ୍ରାହକ ଓ ବିକ୍ରେତା ସମସ୍ତେ ଖୁସି

ଭୁବନେଶ୍ୱର, ତା.୦୧/୦୨/୨୦୨୧

ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଜାନୁଆରୀ ୨୧ ତାରିଖଠାରୁ ସ୍ଥାନୀୟ ଜନତା ମଇଦାନଠାରେ ପଞ୍ଚଦଶ ତୋଷାଳି ହସ୍ତଶିଳ୍ପ ମେଳା ଅନୁଷ୍ଠିତ ହେଉଛି । ଏହି ମେଳାରେ ସମୁଦାୟ ୧୬୦ଟି ହସ୍ତଶିଳ୍ପ ଷ୍ଟଲ ଓ ୧୧୬ଟି ହସ୍ତତନ୍ତ ଷ୍ଟଲ ରହିଛି ।

ଏକାଦଶ ଦିବସରେ ତୋଷାଳି ମେଳାରେ ରବିବାର ହେତୁ ପ୍ରବଳ ଭୀଡ଼ ଜମିଥିଲା । ସମସ୍ତ କୋଭିଡ୍ ନିୟମ ମାନି ଗ୍ରାହକମାନେ ମେଳା ପରିସର ପରିଦର୍ଶନ କରିଥିଲେ । ମେଳାର ଗେଟ୍‌ରେ ସାନିଟାଇଜର ଓ ଥର୍ମାଲ ସ୍କ୍ରିନିଂର ସୁଚାରୁ ବ୍ୟବସ୍ଥା ହୋଇଥିଲା । ସମସ୍ତଙ୍କ ପାଇଁ ମେଳା ମଧ୍ୟରେ ମାସ୍କ ପରିଧାନ ବାଧ୍ୟତାମୂଳକ ଥିଲା । ଗତକାଲି ମେଳାରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଜନସମାଗମ ହୋଇଥିଲା । ମେଳାରେ ଜାନୁଆରୀ ୩୧ ତାରିଖ ସୁଦ୍ଧା ହସ୍ତଶିଳ୍ପ କ୍ଷେତ୍ରରେ ଟଙ୍କାର ବ୍ୟବସାୟ ଓ ହସ୍ତତନ୍ତ ଷ୍ଟଲ୍‌ରେ ଟଙ୍କାର ବ୍ୟବସାୟ ହୋଇଥିଲା ।

ମେଳାରେ ହସ୍ତଶିଳ୍ପ ଜୋନ୍‌ରେ ଓଡ଼ିଶାର କାଗଜ ମୁଖା, ନଡ଼ା ହସ୍ତଶିଳ୍ପ, ଚାନ୍ଦୁଆ କାମ, ପଟ୍ଟଚିତ୍ର, ଡୋକ୍ରା, ସବାଇ ଘାସ, କଂସାପିତ୍ତଳ ଆଦି ଗ୍ରାହକମାନଙ୍କୁ ଆକର୍ଷିତ କରୁଛି । ଏହା ସହିତ ତ୍ରିପୁରାର ବାଉଁଶ କାମ, ମହୀଶୂରର କାଠଖୋଦେଇ କାମ ଲୋକମାନଙ୍କୁ ଅଧିକ ଆକୃଷ୍ଟ କରିପାରିଛି । କଳାହାଣ୍ଡିର ଧର୍ମଗଡ଼ର କାଠଖୋଦେଇ ହାତୀ ଦର୍ଶକମାନଙ୍କୁ ବିମୋହିତ କରୁଛି ।

ତୋଷାଳି ମେଳାରେ ଭିନ୍ନକ୍ଷମମାନଙ୍କ ପାଇଁ ସ୍ୱତନ୍ତ୍ର ହେଲପ୍‌ଡେସ୍କର ସୁବିଧା ସହିତ ହୁଇଲ୍‌ଚେୟାରର ବ୍ୟବସ୍ଥା କରାଯାଇଛି । ସେମାନଙ୍କର ମାର୍କେଟିଂ ସୁବିଧା ପାଇଁ ମେଳା ପରିସରରେ ଷ୍ଟଲ୍ ମଧ୍ୟ ଯୋଗାଇ ଦିଆଯାଇଛି । ଉତ୍କଳିକା ଷ୍ଟଲ୍‌ରେ ଓଡ଼ିଶାର ସମସ୍ତ ପ୍ରକାରର ହସ୍ତଶିଳ୍ପ ସମ୍ଭାର ଜନସାଧାରଣଙ୍କୁ ଆକୃଷ୍ଟ କରୁଛି ଓ ବେଶ୍ ବିକ୍ରିବଟା ହେଉଛି । ତୋଷାଳି ମେଳାରେ ଝୋଟର ହାତ ତିଆରି ବ୍ୟାଗ୍‌ର ଷ୍ଟଲ୍ ମେଳା ମଧ୍ୟରେ ଖୋଲାଯାଇଛି ଏବଂ ଏହା ଦର୍ଶକମାନଙ୍କର ବେଶ୍ ପସନ୍ଦଯୋଗ୍ୟ ହୋଇପାରିଛି । ସେହିପରି ତୋଷାଳି ମେଳାରେ ମୟୂରଭଞ୍ଜର ମୁଗୁନିପଥରରେ ତିଆରି ପଥୁରି, ଶିଳ, ଚନ୍ଦନପେଡ଼ି ଏବଂ କେନ୍ଦ୍ରାପଡ଼ାର କାଇଁଚ କାମର ସାମଗ୍ରୀ ଦର୍ଶକମାନଙ୍କ ଦ୍ୱାରା ବେଶ୍ ଆଦୃତ ହେଉଛି ।

ତୋଷାଳି ମେଳାରେ ଓଡ଼ିଶା ବାହାରୁ ଆସିଥିବା ହିମାଚଳ ପ୍ରଦେଶର ଜ୍ୟାକେଟ୍, ଶାନ୍ତିନିକେତନର ଚମଡ଼ା କାମ, ଆସାମର ବାଉଁଶ କାମ, ବିହାରର ମଧୁବନୀ କାମ, ପଞ୍ଜାବର ଫୁଲକାରୀ ଶିଳ୍ପ ଦର୍ଶକମାନଙ୍କ ମନ ଜିଣୁଛି ।

ଜନତା ମଇଦାନଠାରେ ଆୟୋଜିତ ତୋଷାଳି ମେଳା ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତିଦିନ ମେଳା ସର୍ବସାଧାରଣଙ୍କ ପାଇଁ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହୁଛି ।

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ
ସୂଚନା ଅଧିକାରୀ